# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 March - 2026

***********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ଏବଂ ନେତୃତ୍ୱ ଦେଶକୁ ବିକାଶ ପଥରେ ଆଗେଇ ନେଉଛି; କହିଲେ ରାଷ୍ଟ୍ରପତି

— ମହିଳା ଓ ବାଳିକାମାନଙ୍କ ପାଇଁ ଅଧିକାର ଓ ନ୍ୟାୟ କାର୍ଯ୍ୟକାରିତାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ମହିଳା ଦିବସ

- ମହିଳାଙ୍କ ସମୃଦ୍ଧି ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବ; ୧ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପୁରୀଠାରେ ପ୍ରଦାନ କରି କହିଲେ ମୁଖ୍ୟମନ୍ତ୍ରୀ

- ସମ୍ବଲପୁରଠାରେ ପ୍ରତିଷ୍ଠା ହେବ ସିଜିଏଚ୍ଏସ୍ ୱେଲନେସ୍ ସେଣ୍ଟର

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ରଗବୀ ପ୍ରଥମ ଡିଭିଜନ ଟୁର୍ଣ୍ଣାମେଣ୍ଟରେ ଆଜି ଖେଳାଯିବ ଦୁଇଟି କ୍ୱାଟର ଫାଇନାଲ୍ ମ୍ୟାଚ୍

# ଅନ୍ତର୍ଜାତୀୟ ମହିଳା ଦିବସ

ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଅବଦାନ ଏବଂ ସଫଳତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ନାରୀ ସଶକ୍ତୀକରଣ ଏକ ସାମାଜିକ ଲକ୍ଷ୍ୟ ସହିତ ସ୍ଥାୟୀ ବିକାଶର ମୂଳଦୁଆ। ମହିଳାମାନେ ଶିକ୍ଷିତ, ଆତ୍ମବିଶ୍ୱାସୀ, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ସ୍ୱନିଷ୍ପତ୍ତି ନେଇପାରିଲେ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ ଭୂମିକାରେ ସହାୟକ ହୋଇପାରିବେ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ମହିଳା ଓ ବାଳିକାମାନଙ୍କ ପାଇଁ ଅଧିକାର, ନ୍ୟାୟ ଓ ତା'ର କାର୍ଯ୍ୟକାରିତା ।'

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା.....

ବିଶ୍ୱବ୍ୟାପୀ ମହିଳା ଅଧିକାରକୁ ସୁଦୃଢ଼ କରିବା, ନ୍ୟାୟର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଲିଙ୍ଗଗତ ସମାନତା ପ୍ରତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଏହି ଦିବସ ଆଲୋକପାତ କରେ। ୧୯୭୫ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଆଜିର ଦିନକୁ ମହିଳା ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଶିକ୍ଷିତ ଏବଂ ସଶକ୍ତ ମହିଳାମାନେ ଏକ ପ୍ରଗତିଶୀଳ ରାଷ୍ଟ୍ରର ମୁଖ୍ୟ ସ୍ତମ୍ଭ।

ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ  ଆୟୋଜିତ ଏକ ସମାରୋହକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ବର୍ତ୍ତମାନ ମହିଳାମାନେ ସମସ୍ତ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି। ଉଦ୍ୟୋଗ ଜଗତଠାରୁ ଆରମ୍ଭ କରି କର୍ପୋରେଟ୍ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରି ଏବଂ ନେତୃତ୍ୱ ଦେଶକୁ ବିକାଶ ପଥରେ ଆଗେଇ ନେଉଛି।

ଏହି ଅବସରରେ ରାଷ୍ଟ୍ରପତି ବେଟି ବଚାଓ-ବେଟି ପଢ଼ାଓ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏବଂ ମିଶନଶକ୍ତି ଭଳି ଯୋଜନା ମହିଳାମାନଙ୍କୁ କିଭଳି ସଶକ୍ତ କରିପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ।

**- V/O -**

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ଜଣାଇବା ସହିତ ଦେଶର ନାରୀଶକ୍ତିର ସଫଳତାକୁ ଗର୍ବର ଉତ୍ସ ବୋଲି କହିଛନ୍ତି। ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ମହିଳାମାନେ ପରିବର୍ତ୍ତନକାରୀ ଭୂମିକା ନିର୍ବାହ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ରାଜ୍ୟ ସରକାର ମହିଳାମାନଙ୍କ ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି ।

ଆକାଶବାଣୀ ଆଂଚଳିକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

## ଅନ୍ତର୍ଜାତୀୟ ମହିଳା ଦିବସ-ଜିଲ୍ଲା

ରାଜ୍ୟର ସମସ୍ତ ସଦରମହକୁମା ଏବଂ ଅନଷ୍ଠାନଗୁଡ଼ିକରେ ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛନ୍ତି ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, କଟକ ଜିଲ୍ଲା ଦେୱାନୀ ଓ ଫୌଜଦାରୀ ନ୍ୟାୟାଳୟ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ କଟକ ଓ କଟକ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଆଇନ୍‌ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ ରଞ୍ଜନ ପାଠକ, ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତିମାନେ ଯୋଗଦେଇଥିଲେ । ମହିଳାମାନେ ସାମାଜିକ, ଅର୍ଥନୈତିକ ଓ ଆଇନଗତ ଅଧିକାରକୁ କିଭଳି ସାବ୍ୟସ୍ତ କରିପାରିବେ ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ ।

**ନୂଆପଡା** ଜିଲ୍ଲାରେ ମହିଳା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ଶିବିରର ଆୟୋଜନ କରାଯାଇ ୩୯୧ ଜଣ ବାଳିକା ଓ ମହିଳାଙ୍କୁ ଆତ୍ମରକ୍ଷା, ଯୋଗ ଓ ଶାରୀରିକ ବ୍ୟାୟାମ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

**କେନ୍ଦ୍ରାପଡା** ଜିଲ୍ଲାରେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ୩ ଦିନ ବ୍ୟାପୀ ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ସୁଭଦ୍ରା-ଚତୁର୍ଥ କିସ୍ତି

ନାରୀଶକ୍ତିକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀ ତାଳବଣିଆ ପଡିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବାବଦରେ ପ୍ରାୟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ମହିଳା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ

ସ୍ୱାବଲମ୍ବୀ କରିବା ସହିତ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ସରକାର ସାକାର କରୁଛନ୍ତି। ସୁଭଦ୍ରା ଯୋଜନା ରାଜ୍ୟର ମହିଳା ସୁଭଦ୍ରା ଶକ୍ତିର ନିଚ୍ଛକ ପ୍ରତିଚ୍ଛବି। ମହିଳାଙ୍କ ସମୃଦ୍ଧି ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବ। ଚଳିତ କିସ୍ତିରେ ୨ ଲକ୍ଷ ୧୩ ହଜାର ନୂତନ ହିତାଧିକାରୀ ସୁଭଦ୍ରା ଯୋଜନାର ଅର୍ଥରାଶି  ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩ଟି କିସ୍ତିରେ ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ମହିଳାଙ୍କ ଜମା ଖାତାକୁ ହସ୍ତାନ୍ତର କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତାରାଶି ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୁରୀ ଜିଲ୍ଲାରେ ୪ ଲକ୍ଷ ୮୫୪ ଜଣ ମହିଳା ସୁଭଦ୍ରା ଯୋଜନା ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ପାଇଛନ୍ତି। ଜିଲ୍ଲାର ମହିଳାଙ୍କୁ ସରକାର ୨୧୦ କୋଟି ୪୨ ଲକ୍ଷ ୭୦ ହଜାର ଟଙ୍କା ହସ୍ତାନ୍ତର କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## - V/O -

ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୧ କୋଟି ମହିଳା ଏହି ଯୋଜନାର ଲାଭ ଉଠାଇଛନ୍ତି। ସୁଭଦ୍ରା ଯୋଜନା ମହିଳାଙ୍କ ପାଇଁ ସମ୍ମାନ, ଆତ୍ମବିଶ୍ୱାସ ଓ ସ୍ୱାଧୀନତାର ଚାବିକାଠି। ଯାହା, ପରିବାର ଓ ସମାଜରେ ସେମାନଙ୍କୁ ନେତୃତ୍ୱ

ନେବାର ଶକ୍ତି ପ୍ରଦାନ କରୁଛି । ସଶକ୍ତ ନାରୀଶକ୍ତି ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶାର ମୂଳଦୁଆ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁରରେ ଖୁବ୍ ଶୀଘ୍ର ସିଜିଏଚ୍‌ଏସ୍ ୱେଲ୍‌ନେସ୍ ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂତନ କେନ୍ଦ୍ରର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପଦବୀ ଓ ଆନୁଷଙ୍ଗିକ କାର୍ଯ୍ୟପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି । ଏହି କେନ୍ଦ୍ରଦ୍ୱାରା ସମ୍ବଲପୁରରେ କାର୍ଯ୍ୟରତ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାର କର୍ମଚାରୀ ଓ ସେବାନିବୃତ୍ତ ପେନସନଭୋଗୀମାନେ ବିଶେଷ ଭାବେ ଉପକୃତ ହେବେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁରରେ ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସ୍ୱାଗତ କାର୍ଯ୍ୟକ୍ରମ

ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ରାଜ୍ୟସ୍ତରୀୟ ଲୋକ ଅଧିକାର ଯାତ୍ରାକୁ **ମାଲକାନଗିରି** ଜିଲ୍ଲା ବସ୍‌ଷ୍ଟାଣ୍ଡଠାରେ ପାରମ୍ପରିକ ଗ୍ରାମ ସଭା ସମୂହ ପକ୍ଷରୁ ସ୍ୱାଗତ  କରାଯାଇଛି । ଲୋକ ଅଧିକାର ଯାତ୍ରାର ସଭାପତି ପ୍ରଫୁଲ୍ଲ ସାମନ୍ତରାୟଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରାକୃତିକ ସମ୍ପଦର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ ।

## ଅସ୍ମିତା ଖେଲୋ ଇଣ୍ଡିଆ

**ଭଦ୍ରକ** ଜିଲ୍ଲା ବାଗୁରାଇ ଇଣ୍ଡୋର ଷ୍ଟାଡିୟମ୍ ଓ ବାଗୁରାଇ ଖେଳପଡିଆଠାରେ ଅସ୍ମିତା ଖେଲୋ ଇଣ୍ଡିଆର ମେରା ଯୁବ ଭାରତ, ମାଈ ଭାରତ ଓ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ  ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ମାଈ ଭାରତ କାର୍ଯ୍ୟକ୍ରମରେ  ଯୋଗ ଦେଇଥିବା ୧୩ ରୁ ୧୮ ବର୍ଷ ବୟସ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ କୃତଜ୍ଞତା ଜଣାଇଥିଲେ।

## ରଗ୍‌ବୀ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଜାତୀୟ ରଗ୍‌ବି ପ୍ରଥମ ଡିଭିଜନ ଟୁର୍ଣ୍ଣାମେଣ୍ଟରେ ଆଜି ଦୁଇଟି କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ କ୍ୱାଟର ଫାଇନାଲ ଫ୍ୟୁଚର ହୋପ୍ ହାର୍ଲେ କୁଇନ୍‌ସ୍ ଓ ଚଣ୍ଡିଗଣ ୟୁନାଇଟେଡ୍ ମଧ୍ୟରେ ଅପରାହ୍ଣ ୪ଟାରେ ଖେଳାଯିବ। ଦ୍ୱିତୀୟ କ୍ୱାଟର ଫାଇନାଲ ସିସି ଏଣ୍ଡ ଏଫ୍‌ସି ଓ ରଗ୍‌ବୀ ୱାରିଅର୍ସ କେରଲମ୍ ମଧ୍ୟରେ ଅନୁଷ୍ଠିତ ହେବ।

## ଖରିଫ ଧାନ

ରାଜ୍ୟ ସରକାର ଗତକାଲି ସୁଦ୍ଧା ୧୬ଲକ୍ଷ ୩୩ହଜାର ୩୬ଜଣ ଚାଷୀଙ୍କ ଠାରୁ ଅଣସ୍ତରୀ ଲକ୍ଷ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଖରିଫ ଧାନ ସଂଗ୍ରହ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏ ବାବଦରେ ସରକାର ପ୍ରାୟ ୧୫ହଜାର ୫୯୨ କୋଟି ଟଙ୍କା ଏବଂ ଅତିରିକ୍ତ ଭାବେ ୪ହଜାର ୮୧୧କୋଟି ଟଙ୍କା ଚାଷୀମାନଙ୍କୁ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ସର୍ବାଧିକ ବରଗଡ ଜିଲ୍ଲାରେ ପ୍ରାୟ ୧ଲକ୍ଷ ୫୯ହଜାର ଚାଷୀଙ୍କ ଠାରୁ ୭ଲକ୍ଷ ୬୬ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଖରିଫ ଧାନ ସଂଗ୍ରହ କରାଯାଇଛି ।

ଗତକାଲି ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଟିମ୍-ଏ'ର ୪ଟି ଦଳ ଓ ଟିମ୍-ବି'ର ୪ଟି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦଳରେ ୧୫ଜଣ ଖେଳାଳି ରହିଛନ୍ତି। ପୁରୁଷବର୍ଗରେ ୧୦ଟି ଏବଂ ମହିଳା ବର୍ଗରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି ।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶାର ବାୟୁମଣ୍ଡଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାର କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ବିଜୁଳି ଘଡଘଡି ସହ

ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।